‘ଏହି ଆତ୍ମ-ବିବର୍ତ୍ତନର ଦିବ୍ୟ ଅଭିଜ୍ଞତାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତଙ୍କୁ ସ୍ୱାଗତ କରାଯାଉଛି। ଆପଣ ସମସ୍ତେ ଯେଉଁମାନେ ଏହାକୁ କିଛି ମାସ ପାଇଁ ମୋର ଗୁରୁଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଅଭ୍ୟାସ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ଏହାର ଉପାଦେୟତା ନିଜେ ପରୀକ୍ଷା କରି ଦେଖିବା ପାଇଁ ଚାହୁଁଛନ୍ତି ଏବଂ ଯଦି ଆପଣ ଏହା ଦ୍ୱାରା ଆନନ୍ଦିତ ନ ହୁଅନ୍ତି, ଆପଣ ଏହି ବ୍ୟବସ୍ଥାକୁ ପରିତ୍ୟାଗ କରିବା ପାଇଁ ମୁକ୍ତ। ଏହି ନିୟମ କୌଣସି ପ୍ରକାରେ କୌଣସି ବ୍ୟକ୍ତିର ଧାର୍ମିକ ଭାବନାର ବିରୋଧାଚରଣ କରେ ନାହିଁ, କାରଣ ଏହାର ଲକ୍ଷ୍ୟ ହେଉଛି ଅନନ୍ତ, ବ୍ୟକ୍ତିସତ୍ତାର ଊର୍ଦ୍ଧ୍ୱରେ ସର୍ବଶକ୍ତିମାନ ଓ ନିରାକାର। ତେଣୁ ଏହି ଲକ୍ଷ୍ୟ ସାଧାରଣତଃ ସମସ୍ତଙ୍କ ପାଇଁ ଗ୍ରହଣୀୟ ହୋଇଥାଏ। କେବଳ ସେତିକି ନୁହେଁ ତାଙ୍କୁ ଯିଏ ଯେପରି ଚାହିଁବ ଡାକିପାରିବ। ତେଣୁ ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଏହି ମହାନ୍ ବ୍ୟବସ୍ଥାକୁ ସ୍ୱାଗତ କରି ଆନନ୍ଦ ଅନୁଭବ କରୁଛି ଏବଂ ଆଶା କରୁଛି ଏବଂ ଭରସା ଦେଇ କହୁଛି ଯେ, ଏହି ବ୍ୟବସ୍ଥାର ଅଭ୍ୟାସ ଦ୍ୱାରା ନିଶ୍ଚୟ ବହୁତ ସୁଫଳ ମିଳିବ।’*

**— ଚାରିଜୀ**

## ସହଜ ମାର୍ଗ

*ପ୍ରାକୃତିକ ପଥ*

ସହଜ ମାର୍ଗ ହେଉଛି ଏକ ବାସ୍ତବ ଆଧ୍ୟାତ୍ମିକତାର ମାର୍ଗ, ଯାହାକି ଯୋଗ ମାଧ୍ୟମରେ ଅନ୍ତରର ଅନୁଭବ ଉପରେ ଆଧାରିତ। ଆଧୁନିକ ଯୁଗରେ ସମଗ୍ର ବିଶ୍ୱରେ ସବୁ ବର୍ଗର ଏବଂ ସବୁ ସଂସ୍କୃତିର ଲୋକଙ୍କ ଦ୍ୱାରା ରାଜଯୋଗ ନିୟମିତ ଅଭ୍ୟାସ କରାଯାଉଛି ଏବଂ ଏହା ଖୁବ୍ ସହଜରେ ବ୍ୟସ୍ତ ଜୀବନଧାରା ମଧ୍ୟରେ ନିୟନ୍ତ୍ରଣ ରକ୍ଷା କରି ସାମିଲ କରାଯାଇପାରୁଛି। ଏହା ଦ୍ୱାରା ଆନନ୍ଦ ଓ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟୁଛି।

ସହଜ ମାର୍ଗ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯେ କୌଣସି ଆଗ୍ରହୀ ଏବଂ ସମର୍ଥ ବ୍ୟକ୍ତିଙ୍କୁ ଦିଆଯାଇପାରିବ। ଅଭ୍ୟାସ ଆରମ୍ଭ କରିବା ପାଇଁ ଦୟାକରି ଜଣେ ସ୍ଥାନୀୟ ପ୍ରଶିକ୍ଷକ ସହିତ ଯୋଗାଯୋଗ କରନ୍ତୁ। ପ୍ରାରମ୍ଭରେ ଲଗାତର ଭାବରେ ୩ଟି ଅଧିବେଶନରେ ଧ୍ୟାନ ଶିକ୍ଷା ଦିଆଯାଇଥାଏ। ସହଜ ମାର୍ଗ ବ୍ୟବସ୍ଥାରେ ଅଭ୍ୟାସ ଆରମ୍ଭ କରିବା ପାଇଁ ବା ଜାରି ରଖିବା ପାଇଁ କୌଣସି ଦେୟ ଲାଗିବ ନାହିଁ।

ସହଜମାର୍ଗ ବ୍ୟବସ୍ଥା ଶ୍ରୀ ରାମଚନ୍ଦ୍ର ମିଶନ, ୧୯୪୫ ମସିହାରେ ସାହାଜାହାନପୁରରେ ଶ୍ରୀ ରାମଚନ୍ଦ୍ର (ବାବୁଜୀ)ଙ୍କ ଦ୍ୱାରା ଭାରତରେ ପ୍ରତିଷ୍ଠିତ ଏକ ଆନ୍ତର୍ଜାତୀୟ ସ୍ତରର ଅନୁଷ୍ଠାନ। ବର୍ତ୍ତମାନ ଚେନ୍ନାଇର, ବର୍ତ୍ତମାନ ଜୀବିତ ଆଧ୍ୟାତ୍ମିକ ଗୁରୁ ଶ୍ରୀ ପାର୍ଥସାରଥୀ ରାଜଗୋପାଳଚାରି (ଚାରିଜୀ) ଙ୍କର ନେତୃତ୍ୱରେ ଶହେରୁ ଅଧିକ ଦେଶରେ ସହଜ ମାର୍ଗ କେନ୍ଦ୍ରମାନ ରହିଛି।

ଆମେ ଆପଣଙ୍କୁ ସହଜ ମାର୍ଗ ଅଭ୍ୟାସ
ଚେଷ୍ଟା କରି ନିଜେ ଅନୁଭୂତି ପ୍ରାପ୍ତ କରିବା
ପାଇଁ ନିମନ୍ତ୍ରଣ କରୁଛୁ।

ଅଧିକ ସୂଚନା ନିମନ୍ତେ ଭିଜିଟ୍ କରନ୍ତୁ।

**www.sahajmarg.org**

................................

**info@srcm.org**

© ଶ୍ରୀ ରାମଚନ୍ଦ୍ର ମିଶନ,
ମନ୍ନପକ୍କମ୍, ଚେନ୍ନାଇ ୬୦୦୧୨୫

Odia / July 2011

# ଆଧ୍ୟାତ୍ମିକତା କାହିଁକି



**ଶ୍ରୀ ରାମଚନ୍ଦ୍ର ମିଶନ**

ମନ୍ନପକ୍କମ୍, ଚେନ୍ନାଇ ୬୦୦୧୨୫, ଭାରତ




## ଅନ୍ତରାତ୍ମାକୁ ଜାଗ୍ରତ କରିବା ପାଇଁ

ଆଧ୍ୟାତ୍ମିକତା ହେଉଛି ଅନ୍ତରରେ ଏକ ଅଭିପ୍ସା। ଯେଉଁମାନେ ଆଧ୍ୟାତ୍ମିକତାର ଅଭିଜ୍ଞତା ହାସଲ କରିବାକୁ ଚାହାଁନ୍ତି, ସେମାନେ ଦୈନନ୍ଦିନ ପାର୍ଥିବ ଜୀବନ ଅପେକ୍ଷା କିଛି ଅଧିକ ଲାଭ କରିଥା'ନ୍ତି। କାହିଁକି ଆମ୍ଭେମାନେ ସଦାସର୍ବଦା ଆମ ଚାରିପଟର ପୃଥିବୀ ଉପରେ ଅଧିକ ଗୁରୁତ୍ୱ ଦେଇଥାଉ, ଅବିରତ ଆମର ଚେତନାର ଅନୁଭବକୁ ବିଚାର କରିଥାଉ। ଯେତେବେଳେ ଆମ୍ଭେମାନେ ଆଧ୍ୟାତ୍ମିକତାର ଅଭ୍ୟାସ କରୁ, ପ୍ରାର୍ଥନା ଏବଂ ଧ୍ୟାନ ଅଭ୍ୟାସ ମାଧ୍ୟମରେ ଆମେ ଆମ ଭିତରର ବ୍ରହ୍ମ ବା ଆତ୍ମାକୁ ପରିପୁଷ୍ଟ କରିବାକୁ ଆରମ୍ଭ କରିଦେଇଥାଉ।

ଶ୍ରୀ ପାର୍ଥସାରଥୀ ରାଜଗୋପାଳଚାରି (ଚାରିଜୀ) ଏହାକୁ ନିମ୍ନଲିଖିତ ଉପାୟରେ ବର୍ଣ୍ଣନା କରିଛନ୍ତି:

"ଆଧ୍ୟାତ୍ମିକତାର ମୂଳ ଲକ୍ଷ୍ୟ ହେଉଛି ଆମ ଭିତରରେ ଥିବା ସ୍ୱୟଂ ଯେ କି ସୁପ୍ତ ଅବସ୍ଥାରେ ରହିଛି ତାହାକୁ ଜାଗ୍ରତ କରିବା।"

ଆଧ୍ୟାତ୍ମିକତା ଦ୍ୱାରା ନିଜର ଅନ୍ତରାତ୍ମାକୁ ଅନାବୃତ୍ତ କରିବା ଦ୍ୱାରା ଜୀବନ ଏକ ଆନନ୍ଦମୟ ଯାତ୍ରାରେ ରୂପାନ୍ତରିତ ହୋଇଥାଏ।

## ଜଟିଳତାରୁ ସରଳତାକୁ ପରିବର୍ତ୍ତନ କରିବା ପାଇଁ

ଆମ ଭିତରୁ ଅଧିକାଂଶ ଆମ ବ୍ୟବହାରର ଧାରାରେ ପରିବର୍ତ୍ତନ କରିବାକୁ ଚାହୁଁ, ଯାହାକି ଆମ ଭିତରେ ଗଭୀର ଭାବରେ ବସା ବାନ୍ଧି ରହିଥାଏ। ଏହାକୁ ଦୂର କରିବା ସବୁ ସମୟରେ ସହଜ ହୋଇ ନଥାଏ, କାରଣ ବିଗତ ଦିନର ଅଭିଜ୍ଞତା ଆମ ମନ ଉପରେ ସିଲ୍କ (ଏଣ୍ଡି) ପୋକ ଉପରେ ଥିବା କୋକୁନ୍‌ର ସ୍ତର ପରି ଆଚ୍ଛାଦିତ ହୋଇ ରହିଥାଏ, ଆମକୁ ପୂର୍ବ ଧାରାରେ ବାନ୍ଧି ରଖିଥାଏ।

ଆମେ ଆମ ଭିତରେ ସୁଖ ଏବଂ ଦୁଃଖ, ଭଲ ଏବଂ ମନ୍ଦ, ଲଜ୍ଜା ଏବଂ ଦୋଷ ଇତ୍ୟାଦିର ଅନୁଭବ ବିକଶିତ କରିଥାଉ। ଆମ୍ଭେମାନେ ଭଲ ଅନୁଭବଗୁଡିକୁ ପସନ୍ଦ କରୁ ଏବଂ ଖରାପ ଅନୁଭବଗୁଡିକୁ ନାପସନ୍ଦ କରିଥାଉ। ଏହା ଫଳରେ ଆମର ଇଚ୍ଛା, ଭୟ, ଅଭ୍ୟାସ ଏବଂ ଆଶା ଆମର ଜୀବନକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ଟାଣି ନେଇଥାଏ। ଆମ୍ଭେମାନେ ଆମର ଇଚ୍ଛାକୁ ପୂରଣ କରି ତଥା ବ୍ୟଥା ଏବଂ ଦୁର୍ଦ୍ଦଶାକୁ ଦୂରକରି ଆନନ୍ଦରେ ରହିବାକୁ ଉଦ୍ୟମ କରିଥାଉ ଏବଂ ଏହିପରି ଭାବରେ ଆମ୍ଭେମାନେ ବାହ୍ୟ ଆରାମ ଏବଂ ଆନନ୍ଦ ଉପରେ ଅଧିକ ନିର୍ଭରଶୀଳ ହୋଇଉଠୁ।

ଆଧ୍ୟାତ୍ମିକତାର ଅଭ୍ୟାସ ଏ ସବୁ ଦୂର କରିଦେଇପାରେ। ଆମକୁ ଆମ ଧାରା ଏବଂ ଆଚରଣ ପରିବର୍ତ୍ତନ କରିବା ପାଇଁ ସକ୍ଷମ କରିଥାଏ। ଆମେ ଅଧିକ ସରଳ ଏବଂ ହାଲୁକା ହୋଇଯାଉ। ଆଶା, ଆକାଂକ୍ଷା, ଭୟ, ଅଭ୍ୟାସ ଧୀରେ ଧୀରେ ହ୍ରାସ ପାଏ: କାମନା ବା ଆଶା ଯେତେ କମ୍ ହେବ ଦୁଃଖ ସେତେ ହ୍ରାସ ପାଇବ। ଆଧ୍ୟାତ୍ମିକତାର ଅଭ୍ୟାସରେ ଆମ୍ଭେମାନେ ବିଗତ ଛାପଗୁଡିକ ଦୂର କରି ଅଗ୍ରସର ହେବା ପାଇଁ ମୁକ୍ତ ହୋଇଥାଉ।

ଆଧ୍ୟାତ୍ମିକତା ଅନ୍ତରାତ୍ମାରେ ପରିବର୍ତ୍ତନ ମାଧ୍ୟମରେ ଦୀର୍ଘ ସ୍ଥାୟୀ ତଥା ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣି ଦେଇଥାଏ। ଆମେ ବଦଳିବା ସହିତ ଆମ ଚତୁଃପାର୍ଶ୍ୱର ପୃଥିବୀ ମଧ୍ୟ ବଦଳି ଯାଇଥାଏ।

ଆମେ ଏକ ପରିବାରରେ ଯେଉଁଠି ଆମ ଜୀବନ ଚାରିପଟେ ପ୍ରେମମୟ ହୋଇ ଉଠିଥାଏ ସେଠି ଜୀବନ ବିତାଇବା ସହିତ ପାର୍ଥିବ ସ୍ଥିତିରେ ମଧ୍ୟ ଏହା କରିପାରିବା। ଆମେ ଆମର ପରିବାରକୁ ଆପେ ଆପେ ସହାୟତା ପ୍ରଦାନ କରୁ, ଆମର ଶିଶୁମାନଙ୍କୁ ଶିକ୍ଷା ପ୍ରଦାନ କରୁ ଏବଂ ସେମାନଙ୍କର ଆବଶ୍ୟକତା, ଅସୁବିଧା ଏବଂ ଅସୁସ୍ଥତା ପ୍ରତି ଦୃଷ୍ଟି ଦେଇଥାଉ। ଯଦି ଆମେ ପ୍ରତ୍ୟେକ ଜିନିଷକୁ ଠିକଣା ଗୁରୁତ୍ୱ ଦେଇପାରିବା ତେବେ ଘରୋଇ ଜୀବନ ଏବଂ କ୍ୟାରିଅର୍ ସହିତ ଆଧ୍ୟାତ୍ମିକତାର ସମନ୍ୱୟ ରକ୍ଷା କରାଯାଇପାରିବ ।

## ଏକ ନିୟନ୍ତ୍ରିତ ଜୀବନ ସୃଷ୍ଟି କରିବା ନିମନ୍ତେ

*'ପକ୍ଷୀଟିଏ ଯେପରି ଉଡିବା ପାଇଁ ଦୁଇଟି ଡେଣା ଆବଶ୍ୟକ କରେ, ଠିକ୍ ସେହିପରି ମଣିଷ ବଞ୍ଚି ରହିବା ପାଇଁ ଆବଶ୍ୟକ କରୁଥିବା ଦୁଇଟି ପକ୍ଷ ହେଉଛି ଆଧ୍ୟାତ୍ମିକତା ଏବଂ ପାର୍ଥିବତା। ଏହା ମାଧ୍ୟମରେ ମନୁଷ୍ୟ ଏକ ପ୍ରାକୃତିକ ତଥା ସୁସଂଯୋଜିତ ଜୀବନଯାପନ କରିପାରିବ। ଯଦି ତାମଧ୍ୟରୁ କୌଣସିଟି ଅନ୍ୟଟି ପାଇଁ ଅବହେଳିତ ହୁଏ ତେବେ ଜୀବନ ପ୍ରାକୃତିକ ହୋଇ ରହେନାହିଁ ଏବଂ ଫଳସ୍ୱରୂପ ଆମେ ଯେପରି ଚାହୁଁ ସେପରି ହୋଇପାରେ ନାହିଁ।' – ଚାରିଜୀ*

କୌଣସି ପରିମାଣର ପ୍ରାଚୁର୍ଯ୍ୟ, ଶିକ୍ଷା, ସଫଳତା ଏବଂ ଆନନ୍ଦ ଜୀବନରେ ସଂପୂର୍ଣ୍ଣ ତୃପ୍ତି ଭରିଦେଇପାରେ ନାହିଁ, କାରଣ ଯେତେବେଳେ କେବଳ ଜୀବନର ପାର୍ଥିବ ଦିଗ ଉପରେ ଦୃଷ୍ଟି ଦିଆଯାଏ ସେତେବେଳେ ଜୀବନ ନିୟନ୍ତ୍ରଣ ହରାଏ। ଦୈନିକ ଜୀବନରେ ଆଧ୍ୟାତ୍ମିକତାର ଅଭ୍ୟାସ ଦ୍ୱାରା ମନୁଷ୍ୟ ସୁସଂଯୋଜିତ ହୋଇ ନିୟନ୍ତ୍ରଣ ଫେରାଇ ଆଣିପାରେ, ତେଣୁ ଏହି ମାଧ୍ୟମରେ ଉଭୟେ ପାର୍ଥିବ ଏବଂ ଆଧ୍ୟାତ୍ମିକତାର ପକ୍ଷ ପ୍ରତି ଦୃଷ୍ଟି ଦିଆଯାଇଥାଏ।

## ପ୍ରକୃତ ଆନନ୍ଦ ଏବଂ ପ୍ରେମ ଖୋଜିବା ପାଇଁ

*"ଯେତେବେଳେ ତୁମେ ସମସ୍ତ ଅନାବଶ୍ୟକ ଜିନିଷ ତ୍ୟାଗ କରିଦେବ ତୁମର ଅନ୍ତରାତ୍ମାରୁ ଆପେ ଆପେ ପ୍ରକୃତ ଆନନ୍ଦ ଫୁଟି ଉଠିବ।" – ଚାରିଜୀ*

ବାସ୍ତବ ଆନନ୍ଦ, ଉଲ୍ଲାସ ଏବଂ ଶାନ୍ତି ଅନ୍ତର ଭିତରେ ନିହିତ ଥାଏ ଏବଂ ଏହା କେବଳ ଧ୍ୟାନ ଦ୍ୱାରା ଆଧ୍ୟାତ୍ମିକ ଅଭ୍ୟାସ ମାଧ୍ୟମରେ ଖୋଜା ଯାଇପାରିବ।

ଆନନ୍ଦ ହେଉଛି ଅନ୍ତରାତ୍ମାର ଏକ ଗୁଣ ଏବଂ ଏହା ଆଧ୍ୟାତ୍ମିକତା ମାଧ୍ୟମରେ ଅଧିକ ପରିପୁଷ୍ଟ ହୋଇଥାଏ। ହୃଦୟରେ ପରିପୁଷ୍ଟ ହେଉଥିବା ଅନ୍ୟ ଗୁଣଗୁଡିକ ହେଉଛି- ସାହସ, ଆଶା, ବିଶ୍ୱାସ, ବିସ୍ମୟ, ସହନୀୟତା ଏବଂ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସମସ୍ତଙ୍କ ପ୍ରତି ପ୍ରେମ ଭାବ।

ବିଶ୍ୱର ମହାନ୍ ଆଧ୍ୟାତ୍ମିକତା ଏବଂ ଧାର୍ମିକ ପରଂପରାଗୁଡିକରେ ଏହା ସ୍ୱୀକାର କରାଯାଇଛି ଯେ ଈଶ୍ୱର ହେଉଛନ୍ତି ପ୍ରେମ ଏବଂ ଈଶ୍ୱର ମନୁଷ୍ୟର ହୃଦୟ ଭିତରେ ବାସ କରନ୍ତି। ଆଧ୍ୟାତ୍ମିକ ଅଭ୍ୟାସକୁ ଅନୁସରଣ କରି ଆମେ ଆମ ହୃଦୟରେ ବିଶ୍ୱପ୍ରେମ, ଏବଂ ଦିବ୍ୟ ଭାବ ଅନୁଭବ କରିବାର ସମ୍ଭାବନା ସୃଷ୍ଟି କରିପାରିବା।

## ଶ୍ରେଷ୍ଠ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ

ମନୁଷ୍ୟ ଭାବରେ ଆମେ ଯେଉଁ ଲକ୍ଷ୍ୟ ହାସଲ କରିବାକୁ ଚାହୁଁ ତାହା ଉପରେ ଆମର ଦୃଷ୍ଟି ନିବଦ୍ଧ କରିଥାଉ, ଅନ୍ୟଥା ଆମେ ପଛରେ ପଡ଼ିଯାଇଥାଉ। ଆମେ ଯାହା ହେବାକୁ ଇଚ୍ଛା କରୁ ତାହାକୁ ଧ୍ୟାନରେ ରଖୁ। ଈଶ୍ୱରଙ୍କ ସହିତ ଏକାକାର ହେବା ହେଉଛି ଆଧ୍ୟାତ୍ମିକତାର ଲକ୍ଷ୍ୟ। ଫଳସ୍ୱରୂପ ଆମେ ଆମର ହୃଦୟରେ ଦିବ୍ୟ ଭାବ ଉତ୍ପତ୍ତି କରିବା ପାଇଁ ଧ୍ୟାନ କରିଥାଉ।

ତତ୍ତ୍ୱାବଧାନ ଏବଂ ସହାୟତା ବିନା ଏହି ଲକ୍ଷ୍ୟ ହାସଲ କରିବା ଅସମ୍ଭବ ହୋଇପାରେ। ଦୃଢ଼ ଇଚ୍ଛା ସହିତ ଅଭିଜ୍ଞ ଗୁରୁମାନଙ୍କ ଦ୍ୱାରା, ଯିଏକି କେଉଁ ପଥ ଅନୁସରଣ କରିବାକୁ ହେବ ଜାଣନ୍ତି, ତାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଆବଶ୍ୟକ ସହାୟତା ଆମ୍ଭମାନଙ୍କୁ ଏହି ଜୀବନରେ ଶ୍ରେଷ୍ଠ ଲକ୍ଷ୍ୟସ୍ଥଳରେ ପହଂଚିବାକୁ ସକ୍ଷମ କରିଥାଏ।

ଜଣେ ସମର୍ଥ ଗୁରୁ ବା ତତ୍ତ୍ୱାବଧାରକ ଯେ କୌଣସି କାର୍ଯ୍ୟ କ୍ଷେତ୍ରରେ ଦୁର୍ମୂଲ୍ୟ ହୋଇଥା'ନ୍ତି। ଆଧ୍ୟାତ୍ମିକତା କ୍ଷେତ୍ରରେ ମଧ୍ୟ ଏହା ସତ୍ୟ ହୋଇଥାଏ। ଆଧ୍ୟାତ୍ମିକ ଶିକ୍ଷକ ଜଣେ ଗୁରୁ ବା ମାଷ୍ଟର ଭାବରେ ପରିଚିତ ହୋଇଥା'ନ୍ତି ଏବଂ ସେ ଆମର ସେବା କରିବା ପାଇଁ ଓ ଆମକୁ ମାର୍ଗ ଦର୍ଶନ କରିବା ପାଇଁ ଉପସ୍ଥିତ ଥା'ନ୍ତି। ଆଧ୍ୟାତ୍ମିକତା ହେଉଛି ପର୍ବତ ଆରୋହଣ କରିବା ପରି। ପ୍ରାରମ୍ଭରେ ଏହା ସହଜ ମନେ ହୋଇଥାଏ , କିନ୍ତୁ ଆମେ ଯେତେବେଳେ ସର୍ବୋଚ୍ଚ ଶିଖରରେ ପହଂଚିବା ପାଇଁ ଚେଷ୍ଟା କରୁ ସେତେବେଳେ ଏହି ପଥ କ୍ରମଶଃ ଅଧିକରୁ ଅଧିକ କଠିନ ହୋଇଥାଏ। ଏକ ପର୍ବତ ଆରୋହୀଙ୍କ ପାଖରେ ଜଣେ ପଥପ୍ରଦର୍ଶକ(ଗାଇଡ୍) ରହିଥାନ୍ତି, କାରଣ ସେ ମାର୍ଗ ବିଷୟରେ ଜାଣିଥା'ନ୍ତି।

"ଗୁରୁଙ୍କର ଆବଶ୍ୟକତା ନିଶ୍ଚୟ ଅପରିହାର୍ଯ୍ୟ, କାରଣ ମୁଁ ଭାବୁଛି ଗୁରୁଙ୍କ ବ୍ୟତୀତ ଆମେ କିଛି ହାସଲ କରିପାରିବା ନାହିଁ। କାହିଁକି?... ଏଥିରେ ପରିବର୍ତ୍ତନ ହୋଇପାରେ, ମାର୍ଗ ବଦଳେ, ମାନଚିତ୍ର ବଦଳେ ଏବଂ ତାହା ସହିତ ବିବର୍ତ୍ତନର ନିୟମ ବଦଳି ଚାଲେ, ଲୋକେ ବଦଳିବା ସହିତ ଲୋକଙ୍କୁ ବଦଳାଇବାର ଧାରା ମଧ୍ୟ ବଦଳୁଥାଏ...। ସମର୍ଥ ଗୁରୁମାନେ ମୁଖ୍ୟତଃ ବର୍ତ୍ତମାନର ସଭ୍ୟତାରେ ଜୀବନର ସ୍ଥିତି ଅନୁଯାୟୀ ଏହି ମାର୍ଗକୁ ବଦଳାଇ ଥା'ନ୍ତି ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ବର୍ତ୍ତମାନର ଜୀବନକୁ ସୁହାଇଲା ପରି ନୂତନ ବ୍ୟବସ୍ଥା ପ୍ରଚଳନ କରିଥା'ନ୍ତି ବା ପୁରାତନ ବ୍ୟବସ୍ଥାରେ ସଂଶୋଧନ କରିଥା'ନ୍ତି।" – ଚାରିଜୀ

## ମାନବିକତାକୁ ଏକତ୍ରିତ କରିବା ପାଇଁ

ହୃଦୟର ଅନ୍ତରାତ୍ମାର ଯାତ୍ରା ହେଉଛି ଆଧ୍ୟାତ୍ମିକତାର ଯାତ୍ରା। ବିଶ୍ୱର ସମସ୍ତ ଧର୍ମର ପ୍ରତିଷ୍ଠାତା, ସମସ୍ତ ଧର୍ମଯାଜକ ଏବଂ ଅଧ୍ୟାତ୍ମିକତାର ଗୁରୁମାନେ ସ୍ୱୀକାର କରନ୍ତି ଯେ ଈଶ୍ୱର ଏକ ଏବଂ ଈଶ୍ୱର ସର୍ବବ୍ୟାପୀ। ଆଧ୍ୟାତ୍ମିକତାର ମାର୍ଗ ବିଶ୍ୱର ସବୁ ଧର୍ମ ଏବଂ ସବୁ ସଂସ୍କୃତିର ଲୋକଙ୍କୁ ଏକାଠି କରିଥାଏ। ଯଦି ବହୁଳ ଭାବରେ ଅଭ୍ୟାସ କରାଯାଏ, ଆଧ୍ୟାତ୍ମିକତା ମାନବ ସମାଜ ମଧ୍ୟରେ ଶାନ୍ତି, ସଦ୍‌ଭାବ ଏବଂ ସମନ୍ୱୟତା ଫେରାଇ ଆଣିପାରିବ।